## ସଂକ୍ଷେପରେ

### ଚିକିତ୍ସା ପାଇଁ ଆସୁଥିବା ଯୁବକଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୧୮।୬- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ଜଣେ ରୋଗୀଙ୍କ ରାସ୍ତାରେ ମୃତ୍ୟୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ମୃତ ଯୁବକ ହେଲେ ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳର ରୁତୁରାଜ କାଣ୍ଡିଆ(୧୯)। ସେ ସୋମବାର ରାତିରେ ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ସକାଳେ ତାଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ଆଣୁଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ମଦ ଜବତ, ଜଣେ ଗିରଫ

କଣିହାଁ,୧୮।୬(ଡି.ଏନ.ଏ.)- କଣିହାଁ ଥାନା ପୋଲିସ ବିଦେଶୀ ମଦ ଚୋରା ଚାଲାଣ ଅଭିଯୋଗରେ ମଙ୍ଗଳବାର ଛେଳିଆ ଗ୍ରାମର ଆନନ୍ଦ ସାହୁଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସୋମବାର ରାତିରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ଆନନ୍ଦ ଧରାପଡ଼ିଥିଲେ। ତାଙ୍କଠାରୁ ୭ ବୋତଲ ବିଦେଶୀ ମଦ ଜବତ ହୋଇଥିଲା। ଏ ନେଇ ନଂ. ୧୧୫/୧୯ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି।

### ଏକ ଦିବସୀୟ ସାମାଜିକ ସମୀକ୍ଷା ତାଲିମ ଶିବିର

ଛେଣ୍ଡିପଦା,୧୮।୬(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଏକ ଦିବସୀୟ ସାମାଜିକ ସମୀକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଡିଓ ରୋମାଞ୍ଚଳ ଖମାରୀ, ଜିଲା ସୋସିଆଲ ଅଡିଟର୍ ସୁଧାଂଶୁ ସ୍ୱାଇଁ, ବ୍ଲକ ସୋସିଆଲ ଅଡିଟର୍ ଜୟନ୍ତ କୁମାର ସାହୁ, ଶାନ୍ତନୁ ପ୍ରଧାନ ପ୍ରମୁଖ ଯୋଗଦେଇ ଗ୍ରାମ ସାଧନ ବ୍ୟକ୍ତିମାନଙ୍କୁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ନିମନ୍ତେ ତାଲିମ ପ୍ରଦାନ କରିଥିଲେ। ପ୍ରତି ପଞ୍ଚାୟତରେ ଥିବା ଗ୍ରାମ ସାଧନ ବ୍ୟକ୍ତିମାନେ ଜାତୀୟ ସାମାଜିକ ସହାୟତା ଠିକ୍ ସମୟରେ ହିତାଧିକାରୀଙ୍କ ନିକଟରେ ପହଞ୍ଚୁଛି କି ନାହିଁ ତାହାର ସମୀକ୍ଷା କରି ରିପୋର୍ଟ ପ୍ରଦାନ ନିମନ୍ତେ ତାଲିମ ଦିଆଯାଇଥିଲା।

■କମୁଛି ପରିବାର କଲ୍ୟାଣ ଅସ୍ତ୍ରୋପଚାର ସଂଖ୍ୟା

# ଲକ୍ଷ୍ୟ ଥିଲା ୮ ଶହ, ହୋଇଛନ୍ତି ୬୧

ବଅଁରପାଳ,୧୮।୬ (ଡି.ଏନ୍.ଏ.)

ପରିବାର କଲ୍ୟାଣ ଅସ୍ତ୍ରୋପଚାର ହେଲେ ମିଳିବ ଅନେକ ସୁବିଧା ସୁଯୋଗ। ପ୍ରୋତ୍ସାହନ ରାଶି ଆକାରରେ ନଗଦ ଅର୍ଥ ଦିଆଯିବ ସରକାରଙ୍କ ପକ୍ଷରୁ। ହେଲେ ଏହି ଯୋଜନାର ସୁବିଧା ସୁଯୋଗ ନେବା ପାଇଁ ଆଉ ପୂର୍ବଭଳି ଆଗ୍ରହ ପ୍ରକାଶ ପାଉନାହିଁ। ମହିଳାମାନେ କେତେକାଂଶରେ ଅସ୍ତ୍ରୋପଚାର କରୁଥିଲେ ମଧ୍ୟ ପୁରୁଷମାନେ ମଙ୍ଗୁନାହାନ୍ତି। ଫଳରେ ପୁରୁଷଙ୍କ କ୍ଷେତ୍ରରେ ଏହି ଅସ୍ତ୍ରୋପଚାର ସଂଖ୍ୟା ଶୂନ୍ୟ ହୋଇପଡୁଥିବା ବେଳେ ଉପଯୁକ୍ତ ସଚେତନତା ଅଭାବରୁ ମହିଳାମାନଙ୍କ ଅସ୍ତ୍ରୋପଚାର ସଂଖ୍ୟା ମଧ୍ୟ ଧୀରେ ଧୀରେ ହ୍ରାସ ପାଉଥିବା ଦେଖିବାକୁ ମିଳୁଛି।

ଏହି ଯୋଜନାର ସଫଳତା ପାଇଁ ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମମାନ ଜାରି ରହିଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଅନୁଗୋଳ ଜିଲା ବଅଁରପାଳ ବ୍ଲକରେ ଏହି ଯୋଜନା ଏକପ୍ରକାର ଦିଗହରା ହୋଇପଡ଼ିଥିବା ଅଭିଯୋଗ ହେଉଛି। ୨୦୧୮-୧୯ରେ ବଅଁରପାଳ ବ୍ଲକ ଅଞ୍ଚଳରେ ୮ ଶହ ମହିଳାଙ୍କ କ୍ଷେତ୍ରରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର ପାଇଁ


ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ମାତ୍ର ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୪୨ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୯, ଏପରି ମୋଟ୍ ୬୧ ଜଣ ମହିଳା ଅସ୍ତ୍ରୋପଚାର କରିଥିବା ଜଣାପଡ଼ିଛି। ପୁରୁଷମାନଙ୍କ କ୍ଷେତ୍ରରେ ଏହି ଅସ୍ତ୍ରୋପଚାର ଅତ୍ୟନ୍ତ ସହଜ ଓ ଫଳପ୍ରଦ। ଏହାଛଡ଼ା ପୁରୁଷମାନଙ୍କ ପାଇଁ ଅଧିକ ପ୍ରୋତ୍ସାହନ ରାଶିର ବ୍ୟବସ୍ଥା ରହିଛି। ମହିଳାମାନଙ୍କ ପାଇଁ ୧୪ ଶହ ଟଙ୍କା ଥିବା ବେଳେ ପୁରୁଷମାନଙ୍କୁ ୨ ହଜାର ଟଙ୍କା ଯୋଗାଇ ଦିଆଯାଉଛି। ପୂର୍ବରୁ ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ସଂଖ୍ୟାରେ ମହିଳା ଏହି ଅସ୍ତ୍ରୋପଚାର କରୁଥିଲେ। କାରଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଅସ୍ତ୍ରୋପଚାର କଲେ ୧୪ଶହ ଟଙ୍କା ମିଳୁଥିବା ବେଳେ ଘରୋଇ ଚିକିତ୍ସାକେନ୍ଦ୍ରରେ ମାତ୍ର ୧ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ତେବେ ୪ ବର୍ଷ ହେଲା ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାର ବନ୍ଦ ରହିଛି। ତେଣୁ ଆଗ୍ରହୀ ମହିଳାଙ୍କୁ ତାଳଚେର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନଚେତ କେତେକ ଘରୋଇ ଚିକିତ୍ସାକେନ୍ଦ୍ରରେ ଏହି ଅସ୍ତ୍ରୋପଚାର କରାଯାଉଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୁଷ୍ପଲତା ପ୍ରଧାନ କୁହନ୍ତି, ୪ ବର୍ଷ ହେଲା ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିବାର କଲ୍ୟାଣ ଅସ୍ତ୍ରୋପଚାର ବନ୍ଦ ରହିଛି। ଚଳିତ ବର୍ଷ ୮ ଶହ ମହିଳାଙ୍କୁ ଅସ୍ତ୍ରୋପଚାର କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ୬୧ ଜଣ ମହିଳା ଅସ୍ତ୍ରୋପଚାର ହୋଇଛନ୍ତି। ଏହି ସଂଖ୍ୟା ଯେପରି ବୃଦ୍ଧି ପାଇବ ସେଥିପାଇଁ ସଚେତନତା ସୃଷ୍ଟି କରାଯାଉଛି। କିନ୍ତୁ ମହିଳାମାନେ ନୂତନ ଗର୍ଭ ନିରୋଧକ ପଦ୍ଧତି ଅବଲମ୍ବନ କରି ଉପକୃତ ହେଉଥିବାରୁ ଏପରି ଅସ୍ତ୍ରୋପଚାର ପାଇଁ ଆଉ ପୂର୍ବପରି ଆଗ୍ରହ ପ୍ରକାଶ କରୁ ନ ଥିବା ପ୍ରଧାନ ସୂଚନା ଦେଇଛନ୍ତି।

■୪ ବର୍ଷ ହେଲା ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେଉନି ଅସ୍ତ୍ରୋପଚାର

■ଅଧିକ ପ୍ରୋତ୍ସାହନ ରାଶି ସତ୍ତ୍ୱେ ପୁରୁଷଙ୍କ କ୍ଷେତ୍ରରେ ସଂଖ୍ୟା ଶୂନ

■ନୂତନ ଗର୍ଭ ନିରୋଧକ ପଦ୍ଧତି ଯୋଗୁ ଆଗ୍ରହ ଦେଖାଉନାହାନ୍ତି ମହିଳା

# ସରକାରୀ ଯୋଜନାର ସୁଫଳ ଉପରେ ଗୁରୁତ୍ୱ

ବଅଁରପାଳ,୧୮।୬(ଡି.ଏନ.ଏ.)

ବଅଁରପାଳ ପଞ୍ଚାୟତ ସମିତିର ୫ମ ବୈଠକ ମଙ୍ଗଳବାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ କୁମାର ସାହୁ, ସମ୍ବଲପୁର



ଏମ୍‌ପିଙ୍କ ପ୍ରତିନିଧି ମହନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳର ଲୋକମାନେ କିଭଳି ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବିଡିଓ ଡ. ସ୍ୱରୂପାନନ୍ଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିପିଓ ରଶ୍ମିରେଖା ନାୟକ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ସନ୍ତୋଷ ଦାସ, ସଭ୍ୟା ମଞ୍ଜୁଲତା ସାହୁଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

# ୨ ଘଣ୍ଟାରେ ବେପାର ସରେ



**ଦିନକର କାହାଣୀ**
ଗିରିଆ ସାହୁ

ପିଲାବେଳେ ବାପାଙ୍କୁ ଦୋକାନରେ ସହଯୋଗ କରୁଥିଲେ। ତାଙ୍କଠାରୁ ସ୍ୱାଦିଷ୍ଟ ଜଳଖିଆ ତିଆରି କରିବା ଶିଖିଥିଲେ। ଟିକେ ବଡ଼ ହେବା ପରେ ନିଜେ ଏହି ବ୍ୟବସାୟ ଆରମ୍ଭ କଲେ। ସେତେବେଳେ ସେ ଏକା ଜଳଖିଆ ପ୍ରସ୍ତୁତ ସହ ବିକ୍ରି କରୁଥିଲେ। ଏବେ ତାଙ୍କୁ ସହଯୋଗ କରୁଛନ୍ତି ସ୍ତ୍ରୀ ଓ ପୁଅ। ସେଥିପାଇଁ ପୂର୍ବାପେକ୍ଷା ଭଲ ଚାଲୁଛି ତାଙ୍କ ଜଳଖିଆ ଦୋକାନ। ଗ୍ରାହକଙ୍କ ସଂଖ୍ୟା ବଢୁଥିଲେ ବି ଅଧିକ ଲାଭ ଆଶାରେ ସେ ଖାଦ୍ୟର ମାନ ବା ସ୍ୱାଦରେ କୌଣସି ଫରକ ଆଣିନାହାନ୍ତି। କେବଳ ସକାଳ ବେଳା ଦୋକାନ ଖୋଲୁଥିବାରୁ ଗ୍ରାହକଙ୍କ ବେଶ୍ ଭିଡ଼ ଲାଗିଥାଏ ତାଙ୍କ ନିକଟରେ। ମାତ୍ର ୨ ଘଣ୍ଟା ମଧ୍ୟରେ ପ୍ରସ୍ତୁତ ଜଳଖିଆ ଶେଷ ହୋଇଯାଏ ଓ ତାଙ୍କ ବେପାର ବି ସାରିଯାଏ ବୋଲି କହିଛନ୍ତି ଅନୁଗୋଳ ବ୍ଲକ ବନ୍ତଲା ରେଞ୍ଜ ଅଫିସ ନିକଟରେ ଦୋକାନ ଦେଇଥିବା ଗିରିଆ ସାହୁ।

ଗିରିଆଙ୍କ ବୟସ ଏବେ ୫୨ ଛୁଇଁଲାଣି। ତାଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ବେଶୀ ନୁହେଁ। ୮ ଭଉଣୀ ଭାଇଙ୍କ ମଧ୍ୟରୁ ସେ ୪ର୍ଥ। ବଡ଼ ପରିବାର ହୋଇଥିବାରୁ ବାପା ଅଧିକ ପଢ଼ାଇ ପାରି ନ ଥିଲେ। ତେଣୁ ପିଲାବେଳେ ବନ୍ତଲା ଛକରେ ଥିବା ବାପାଙ୍କ ଛୋଟ ଜଳଖିଆ ଦୋକାନରେ ସେ ବହୁ ସମୟ ବିତାଉଥିଲେ। ଛୋଟ ମୋଟ କାମ କରିବା ସହ ସେଠାରେ ବାପାଙ୍କ ଠାରୁ ଜଳଖିଆ ପ୍ରସ୍ତୁତି ଶିଖିଥିଲେ। ୧୫ ବର୍ଷ ବୟସରେ ସେ ନିଜେ ବନ୍ତଲା ଛକରେ ଏକ ଜଳଖିଆ ଦୋକାନ ଆରମ୍ଭ କରିଥିଲେ। ବ୍ୟବସାୟ କରିବାର ୫ ବର୍ଷ ପରେ ଖୁଣ୍ଟା ଗ୍ରାମର ମଳେଇ ସାହୁଙ୍କ ଝିଅ କବିତାଙ୍କୁ ବିବାହ କରିଥିଲେ। ପରେ ରେଞ୍ଜ ଅଫିସ ନିକଟରେ ଜଳଖିଆ ଦୋକାନ ଦେଲେ। ଦୀର୍ଘ ୩୫ ବର୍ଷ ଧରି ସେ ଏହି ବ୍ୟବସାୟ ଚଳାଇଛନ୍ତି। ତାଙ୍କର ହାତ ତିଆରି ଇଡ଼ିଲି, ବରା ଓ ପରିବା ତରକାରୀ ଭାରି ସ୍ୱାଦିଷ୍ଟ। ଏଥିସହିତ ପୁରୀ ଓ ଆଳୁଚପ ମଧ୍ୟ ତାଙ୍କ ପ୍ରସ୍ତୁତ ଜଳଖିଆ ମଧ୍ୟରେ ଥାଏ। ସକାଳେ ଦୁଇ ଘଣ୍ଟା ମଧ୍ୟରେ ଦୁଇଶହରୁ ଊର୍ଦ୍ଧ୍ୱ ଗରାଖ ତାଙ୍କ ଦୋକାନରୁ ଜଳଖିଆ ଖାଇଥାନ୍ତି। ଏହି ବ୍ୟବସାୟ କରି ସେ ପକ୍କା ଘରଟିଏ କରିବା ସହିତ ବଡ଼ ଝିଅ ମଧୁସ୍ମିତା (୨୫)ଙ୍କୁ ପାଠ ପଢ଼ାଇ ଭଲ ଘରେ ବିବାହ ଦେଇପାରିଛନ୍ତି। ସାନ ପୁଅ ସତ୍ୟମ ମାଟ୍ରିକ ପାସ ପରେ ଏବେ ଜଳଖିଆ ଦୋକାନରେ ସାହାଯ୍ୟ କରୁଛନ୍ତି। ସ୍ୱାଦିଷ୍ଟ ଜଳଖିଆ ପ୍ରସ୍ତୁତିରେ ତାଙ୍କ ସ୍ତ୍ରୀଙ୍କ ଅବଦାନ ମଧ୍ୟ କିଛି କମ୍ ନୁହେଁ। ରାତିରେ ବତୁରା ଯାଇଥିବା ବିରି ଓ ଚାଉଳକୁ ଶୀଳରେ ବାଟି ସ୍ତ୍ରୀ କବିତା ପିଠଉ ପ୍ରସ୍ତୁତ କରିଥାନ୍ତି। ଆଉ ଶୀଳରେ ବଟାଯାଉଥିବାରୁ ଅନ୍ୟମାନଙ୍କ ଅପେକ୍ଷା ତାଙ୍କ ଦୋକାନର ବରା, ଇଡ଼ିଲି ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ଗିରିଶ କହିଛନ୍ତି।

ରିପୋର୍ଟ- ଦୀନେଶ ଦେହୁରୀ

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଅନୁଗୋଳ ଅଫିସ, ୧୮।୬

ଅନୁଗୋଳ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ମଣ୍ଟୁ ଓରଫ କିଶୋର କୁମାର ସିଂ(୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ଏକ ବର୍ଷ ଜେଲ ଭୋଗିବାକୁ ପଡ଼ିବ ବୋଲି ଅତିରିକ୍ତ ଜିଲା ଓ ଦୌରା ଜଜ୍ ସୁରେଶ କୁମାର ପ୍ରଧାନ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ତାଳଚେର ବିକ୍ରମପୁର ଥାନା ଅଞ୍ଚଳର ଜନୈକା ନାବାଳିକା ଜଣେ ସମ୍ପର୍କୀୟାଙ୍କ ଘରକୁ ଯାଇଥିଲେ। ସମ୍ପର୍କୀୟାଙ୍କ ଛୋଟ ପିଲା ଥିବାରୁ ସେମାନଙ୍କୁ ଦେଖାଶୁଣା କରିବାକୁ କହି ସେ ନାବାଳିକାଙ୍କୁ ସାଙ୍ଗରେ ନେଇଥିଲେ। ହେଲେ ସମ୍ପର୍କୀୟା ବାହାରକୁ କାମ କରିବାକୁ ପଳାଇଯାଇଥିବାର ସୁଯୋଗ ନେଇ ତାଙ୍କ ଭାଇ ମଣ୍ଟୁ ଓରଫ କିଶୋର କୁମାର ସିଂ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ଏହା ପ୍ରଘଟ କରିଦେବେ ବୋଲି କହିବାରୁ ଅଭିଯୁକ୍ତ ମଣ୍ଟୁ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ। ଏହାପରଠାରୁ ଅଭିଯୁକ୍ତ ତାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ମଣ୍ଟୁଙ୍କ ବିବାହ ଅନ୍ୟତ୍ର ସ୍ଥିର ହୋଇଥିବା ଜାଣି ନାବାଳିକା ଏ ନେଇ ଅଭିଯୁକ୍ତଙ୍କୁ ପଚାରିଥିଲେ। ମଣ୍ଟୁ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏହାପରେ ସମ୍ପୃକ୍ତା ସମ୍ପର୍କୀୟା ଓ ଅଭିଯୁକ୍ତ ମାଡ଼ ମାରିଥିବା ନେଇ ନାବାଳିକା ୨୦୧୭ ଜାନୁୟାରୀ ୨୮ରେ ବିକ୍ରମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ମଣ୍ଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୯ ଜଣଙ୍କ ସାକ୍ଷ୍ୟପ୍ରମାଣଙ୍କୁ ଭିତ୍ତିକରି ଅତିରିକ୍ତ ଜିଲା ଓ ଦୌରାଜଜ୍ ଅଭିଯୁକ୍ତ ମଣ୍ଟୁଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ‘ଅନୁଗୋଳ ଅନ୍‌ଲାଇନ୍’ ଲୋକାର୍ପିତ

ଅନୁଗୋଳ ଅଫିସ, ୧୮।୬

ଅନୁଗୋଳ କଳାକେନ୍ଦ୍ରଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ୱେବ୍ ପୋର୍ଟାଲ ‘ଅନୁଗୋଳ ଅନ୍‌ଲାଇନ’ ଲୋକାର୍ପିତ ହୋଇଛି। ଏହି ଉଦ୍‌ଘାଟନ ଉତ୍ସବରେ ସାମାଜିକକର୍ମୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ସମାଜରେ ଗଣମାଧ୍ୟମର ଭୂମିକା ଉପରେ ଅତିଥିମାନେ ନିଜସ୍ୱ ମତ ରଖିଥିଲେ। ମୁଖ୍ୟଅତିଥି ରାଓଙ୍କୁ ଅନୁଗୋଳ ବିଧାୟକ ସିଂ ସମ୍ମାନିତ କରିଥିଲେ। ପରେ ମୁଖ୍ୟଅତିଥି ଉପସ୍ଥିତ ସମ୍ମାନିତ ଅତିଥି ତଥା ବିଧାୟକମାନଙ୍କୁ ଶୈଳକ୍ଷେତ୍ର ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ ଅନ୍‌ଲାଇନର ନିର୍ଦ୍ଦେଶକ ମାନସ ରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସମରେଶ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଉପଦେଷ୍ଟା ବିଶ୍ୱରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ସାମାଜିକକର୍ମୀ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ଦେବରଞ୍ଜନ ସାମଲ, ଆଦ୍ୟାଶ୍ଳୋକ ମିଶ୍ର, ସୂର୍ଯ୍ୟନାରାୟଣ ନାଥ, ଆଦିତ୍ୟପ୍ରସାଦ ମିଶ୍ର, ରଘୁନାଥ ସାହୁ, ଶୋଭେନ ପ୍ରମୁଖ ସହଯୋଗ କରିଥିଲେ।

## ‘ପ୍ରଧାନମନ୍ତ୍ରୀଙ୍କ ଦୁଇପଦ କଥା ଉଲ୍ଲସିତ କରିଥିଲା’

ଅନୁଗୋଳ ଅଫିସ, ୧୮।୬


ଡି. ପ୍ରକାଶ ରାଓ।

ୱେବ ପୋର୍ଟାଲ ଉଦ୍‌ଘାଟନ ଅବସରରେ ମୁଖ୍ୟଅତିଥି ଥିବା ଡି. ପ୍ରକାଶ ରାଓ ଚା’ ଦୋକାନୀରୁ କିପରି ପଦ୍ମଶ୍ରୀ ଯାଏ ପହଞ୍ଚି ପାରିଛନ୍ତି ସେ ସମ୍ପର୍କିତ ସ୍ମୃତି ରୋମନ୍ଥନ କରିଥିଲେ। ପିଲା ଦିନରୁ ସେ ଡାକ୍ତରୀ ପାଠ ପଢ଼ିବା ସହ ଜଣେ ଭଲ ଫୁଟବଲ ଖେଳାଳି ହେବାକୁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ସମୟ ତାଙ୍କ ସ୍ୱପ୍ନକୁ ପୂରଣ ହେବାକୁ ଦେଇ ନ ଥିଲା। ବାପା ଆରମ୍ଭ କରିଥିବା ଚା’ ଦୋକାନରେ ତାଙ୍କର ୫୬ ବର୍ଷ ବିତିଗଲାଣି। ଯାହା ରୋଜଗାର କରୁଛନ୍ତି, ସେଥିରୁ ଅଧା ଅର୍ଥ ସେ କରିଥିବା ଶିକ୍ଷାନୁଷ୍ଠାନକୁ ଦେଉଛନ୍ତି। ବଳକା ଅର୍ଥରୁ କିଛି ସାମାଜିକ କାର୍ଯ୍ୟରେ ଲଗାଉଛନ୍ତି। ପିଲାବେଳର ଇଚ୍ଛା ପୂରଣ ହୋଇପାରି ନ ଥିବାରୁ ବସ୍ତିର ପିଲାଙ୍କୁ ପାଠପଢ଼ାଇ ସେ ତାଙ୍କରି ମଧ୍ୟରେ ନିଜକୁ ଦେଖୁଛନ୍ତି। ସେମାନଙ୍କ ମାଧ୍ୟମରେ ନିଜର ଡାକ୍ତରୀ ଓ ଖେଳାଳି ହେବାର ସ୍ୱପ୍ନ ସାକାର କରିବାକୁ ଚାହୁଁଛନ୍ତି। ତାଙ୍କ ନିକଟରେ ରହୁଥିବା ଛାତ୍ରୀଛାତ୍ରମାନେ ଶିକ୍ଷା ଓ ଖେଳରେ ଉଚ୍ଚକୋଟୀର ପ୍ରଦର୍ଶନ କରୁଛନ୍ତି। କେବଳ ବସ୍ତିର ପିଲାମାନେ ନୁହନ୍ତି ସେମାନଙ୍କ ମାତାପିତାମାନେ ମଧ୍ୟ ବେଶ୍ ଯତ୍ନବାନ ହୋଇପାରିଛନ୍ତି। ଏପରି କାର୍ଯ୍ୟ ପାଇଁ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଏହା ତାଙ୍କୁ ପରିଚୟ ଦେଇଛି, ଖୁସି ଦେଇଛି। ବସ୍ତି ପିଲାଙ୍କୁ ମଣିଷ କରିବାକୁ ଅଧିକ ଶକ୍ତି ଯୋଗାଇଛି। ତଥାପି କଟକ ଗସ୍ତରେ ଆସିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁଇପଦ କଥା ତାଙ୍କୁ କିପରି ଉଲ୍ଲସିତ କରିଥିଲା ତାହା ସେ ବଖାଣିଥିଲେ। ପ୍ରଧାନମନ୍ତ୍ରୀ ମୋ ନାମ ନେଇ କହିଥିଲେ, ପ୍ରକାଶ ଜୀ କିପରି ଅଛନ୍ତି। ମୁଁ ଆପଣଙ୍କ ବିଷୟରେ ସବୁ କିଛି ଜାଣିଛି। ଚା’ ବିକାଳିରୁ ସମାଜସେବା, ବସ୍ତି ପିଲାଙ୍କୁ ଶିକ୍ଷା ଦେବା, ଏଥିରେ କିଛି ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ ତାଙ୍କୁ ପଚାରିଥିଲେ। ପିଲାଙ୍କ ସହ ପ୍ରଧାନମନ୍ତ୍ରୀ ମିଶିବା ପରେ ବେଶ୍ ଅନନ୍ଦିତ ହୋଇଥିଲେ। କଟକ ଗସ୍ତରେ ପୁଣି ଆସିଲେ ପିଲାଙ୍କ ସ୍କୁଲକୁ ଯାଇ ଡାଲମା ଓ ଭାତ ଖାଇବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେବା ଜଣେ ଚା’ ବ୍ୟବସାୟୀଙ୍କ ପାଇଁ କିଛି କମ୍ କଥା ନୁହେଁ ବୋଲି ରାଓ ପ୍ରକାଶ କରିଛନ୍ତି।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତା ସ୍ୱର୍ଣ୍ଣଲତା ସାହୁ
ସ୍ୱାମୀ- ସ୍ୱର୍ଗତ ଯୋଗେନ୍ଦ୍ର ମୋହନ ସାହୁ
ପ୍ଲଟ ନମ୍ବର ୧୮୨/୫୪୮
ଜୟଦୁର୍ଗା ନଗର, ଭୁବନେଶ୍ୱର
ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା। ଆଜି ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ଆପଣଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ପରିବାରବର୍ଗ
ଧ-୧୩୦୧୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତା ରୋହିଣୀ ସୁଆର
ତିରୋଧାନ: ଆଷାଢ଼ କୃଷ୍ଣ ଦ୍ୱିତୀୟା
ସ୍ଥାନ: ଇବ୍‌ନଗର, ସୁନ୍ଦରଗଡ଼
ଚାହୁଁ ଚାହୁଁ ବର୍ଷେ ବିତିଗଲା। ତଥାପି ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ପ୍ରେରଣା ଆମପାଇଁ ମାର୍ଗ ଦର୍ଶକ ହୋଇ ରହିଛି ଓ ରହିବ ମଧ୍ୟ। ଆଜିର ଏହି ୧ମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୋର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:-
ପୁତ୍ର: ଅଭିମନ୍ୟୁ, ଗୋବିନ୍ଦ, ପୁତ୍ରବଧୂ: କୁମୁଦିନୀ, ସୂର୍ଯ୍ୟକାନ୍ତୀ, ଝିଅ: ମାହେଶ୍ୱରୀ, ସୁଷମା, ମମତା, ଜ୍ୱାଇଁ: ମଧୁସୂଦନ, ନରସିଂହ, ସରୋଜ, ନାତି: ପ୍ରମୋଦ, ପ୍ରଦୀପ, ପ୍ରତାପ, ଶ୍ରୀକାନ୍ତ, ଶ୍ରୀନିବାସ, ପ୍ରଶାନ୍ତ, ବିଶ୍ୱନାଥ, ରିଚାର୍ଡ ବେଦାୟନ, ପୁଣ୍ୟଶ୍ଳୋକ, ନାତୁଣୀ: ମୀରା, ନିବେଦିତା, ଶୁଭଶ୍ରୀ, ବାଣିଶ୍ରୀ, ଭାଗ୍ୟଶ୍ରୀ।
ଧ-୧୩୦୨୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତା ମନୋରମା ମିଶ୍ର (ମଣି)
ଏ.ଏଲ୍-୭୩, ଭି.ଏସ୍.ଏସ୍. ନଗର
ଭୁବନେଶ୍ୱର-୭
ଆବିର୍ଭାବ: ୨୭।୦୮।୧୯୪୭
ତିରୋଧାନ: ୧୧।୦୬।୨୦୧୭
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୨୯୯୭

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

ଁ ଶ୍ରୀ ମଦନ ମୋହନ ପ୍ରଧାନ (ଟିକନ)
(ବଡଗଡ, ଭୁବନେଶ୍ୱର)
ଆବିର୍ଭାବ - ୨୦.୦୫.୧୯୫୧
ତିରୋଧାନ - ୦୯.୦୬.୨୦୧୯
ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପୁଅ- ପପୁ, ଅପୁ, ଝିଅ- ପିଙ୍କି ଓ ପରିବାରବର୍ଗ
ଧ-୬୬୫୭୮

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତା ରମ୍ଭାମାଳୀ ସିଂହ ସାମନ୍ତ
(ବାଙ୍କତରା ବଡ଼ ମଣିମା)
ସ୍ଥାନ: ରବିପ୍ରଭା, ଓଡ଼ଗାଁ (ନୟାଗଡ଼)
ଆବିର୍ଭାବ: ୦୧।୦୭।୧୯୨୪
ତିରୋଧାନ: ୧୦।୦୬।୨୦୧୯
ଦୀର୍ଘ ବର୍ଷର ସ୍ନେହ ସମ୍ପର୍କ ତୁଟାଇ, ଆମ୍ଭମାନଙ୍କ ଉପରେ ଅଭିମାନ କରି ତୁମେ ଆରପାରିକୁ ଚାଲିଗଲ। ଜ୍ୟୋତିର୍ବିଦ, ପଠାଣି ସାମନ୍ତଙ୍କ ଉତ୍ତର ଦାୟଦ ରୂପେ ତୁମର କର୍ମ ପ୍ରେରଣା, ଧୈର୍ଯ୍ୟ, ସହନଶୀଳତା, ଜ୍ଞାନ, ଗୁଣ, ଗରିମା, ସରଳତା ଓ ନିଷ୍କପଟତା ଆମ୍ଭମାନଙ୍କର ଚିର ସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସାମନ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ (ପୁତ୍ର, ପୁତ୍ରବଧୂ, କନ୍ୟା, ପୌତ୍ର, ପୌତ୍ରୀ, ପ୍ରପୌତ୍ର ବଧୂ, ପ୍ରପୌତ୍ର ଓ ପ୍ରପୌତ୍ରୀ)
ଧ-୧୩୦୨୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ପ୍ରଦୀପ୍ତ କୁମାର ମହାନ୍ତି
୨୯- ସୂର୍ଯ୍ୟନଗର,
ଭୁବନେଶ୍ୱର-୦୩
ଆବିର୍ଭାବ: ୦୩।୦୬।୧୯୫୨
ତିରୋଧାନ: ୦୯।୦୬।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ
ଧ-୧୨୯୯୫

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତା ମନସ୍ୱିନୀ ସାହୁ
(ବୁନୁ)
ବାଛାରାପାଟଣା, ଜଟଣୀ
ଆବିର୍ଭାବ: ୦୫।୦୪।୧୯୯୨
ତିରୋଧାନ: ୧୯।୦୬।୨୦୧୩
ମା’ ବୁନୁ କାଲି ପରି ଲାଗୁଛି- ଦେଖୁ ଦେଖୁ ଛଅ ବର୍ଷ ବିତିଗଲା- ତୋ ବିନା ସତେ ସବୁକିଛି ଅଧୁରା- ଗୋଟିଏ ବି ଦିନ ବିତିନାହିଁ- ଯେଉଁଦିନ ତୋ କଥା ମନେପଡି ନାହିଁ- ତୋର ଆବର୍ତ୍ତମାନର ଜୀବନ ଆମମାନଙ୍କ ପାଇଁ ଆଜି ବି ଅସହ୍ୟ। ପ୍ରଭୁ କାଳିଆ ଠାକୁରଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ପବିତ୍ର ଆତ୍ମାକୁ ଚିରଶାନ୍ତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ:
ତୋର ମା’ କନକ, ଜେଜେମା, ଦାଦା, ଖୁଡ଼ୀ, ସୋନୁ, ରୀନୁ, ଗଣ୍ଟୁ ଓ ପ୍ରିୟର ମଣିଷା।
ଧ-୧୩୦୨୩

**ଏକାଦଶାହ ଉପଲକ୍ଷେ**
ତା.୧୯।୦୬।୨୦୧୯(ବୁଧବାର)

ଁସମରେନ୍ଦ୍ର କର (ସମୀର)
ଆବିର୍ଭାବ: ୧୪।୧୨।୧୯୬୬
ତିରୋଧାନ:୦୯।୦୬।୨୦୧୯
ସାଲେପୁର, କଟକ
ତୁମର ଅନୁପସ୍ଥିତ ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ରବିନ୍ଦ୍ର ନାଥ କର, ନବକିଶୋର କର, ପ୍ରଦୀପ୍ତ କୁମାର କର, ପ୍ରଶାନ୍ତ କୁମାର କର, ସିନ୍ଟୁ, ସଙ୍ଗୁ, ଶିଲ୍ଟୁ, ଗୌତମ, କିଟୁ, ସତ୍ୟମ୍, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୩୦୩୭

## ସଂକ୍ଷେପରେ

### ବଜ୍ରପାତରେ ନଡ଼ିଆ ଗଛ ଜଳିଗଲା



**ଢେଙ୍କାନାଳ ଅଫିସ,୧୮।୬:** ଢେଙ୍କାନାଳ ସହରରେ ମଙ୍ଗଳବାର ରାତି ୭ଟା ୪୫ରୁ ଘଣ୍ଟାଏ ଧରି ବଜ୍ରପାତ ସହ ମୂଷଳଧାରାରେ ବର୍ଷା ହୋଇଛି। ଗୁଳୁଗୁଳି ଏବଂ ଅସହ୍ୟ ଗରମରୁ ସହରବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ବଜ୍ରପାତରେ ଦକ୍ଷିଣକାଳୀ ରୋଡ ସିନେମା ହଲ ନିକଟରେ ଥିବା ଏକ ନଡ଼ିଆ ଗଛ ଜଳିଯାଇଛି। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବଜ୍ରପାତ ଯୋଗୁ ସହରରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା।

### ରୁନୁବାଳା ହତ୍ୟା ମାମଲା, ସ୍ୱାମୀ ଗିରଫ

**ଢେଙ୍କାନାଳ ଅଫିସ,୧୮।୬:** ଢେଙ୍କାନାଳ ଜିଲା ଗଁଦିଆ ଥାନା ବଣିଆପଡ଼ା ଗ୍ରାମର ରୁନୁବାଳା ପଣ୍ଡା ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ଅକ୍ଷୟ ପଣ୍ଡାଙ୍କୁ ପୋଲିସ ଗିରଫ କରିଛି। ଦୁଇଦିନ ତଳେ ରୁନୁବାଳାଙ୍କ ମୃତ୍ୟୁ ଘଟିଥିଲା। ସେ ବିଷ ପିଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହିଥିଲେ। ତେବେ ମହିଳାଙ୍କ ଭାଇ ବିଷ୍ଣୁ ନାରାୟଣ ପଣ୍ଡା ଏହାକୁ ଯୌତୁକ ଜନିତ ହତ୍ୟା ବୋଲି କହିଥିଲେ। ବିଷ ଦେଇ ଭଉଣୀଙ୍କୁ ହତ୍ୟା କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ନଂ. ୧୦୮/୧୯ରେ ମାମଲା ରୁଜୁ କରାଯାଇଥିଲା। ଅକ୍ଷୟ ବାଙ୍ଗାଲୋରରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ରଜ ଛୁଟିରେ ସେ ଘରକୁ ଆସିଥିବା ଥାନାଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

### ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର, ଅଭିଯୁକ୍ତ ଗିରଫ

**କାମାକ୍ଷାନଗର, ୧୮।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗରେ ବିପିନ ବେହେରାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ନଂ. ୩୦/୧୯, ଦଫା ୩୭୬ (୧), ୫୦୬ରେ ମାମଲା ରୁଜୁ କରାଯାଇଛି। ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଉଛି। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ବିବାହ ପ୍ରଲୋଭନ ଦେଖାଇ ବିପିନ ସମ୍ପୃକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ପ୍ରତିଶ୍ରୁତିରେ ଓହରି ଯାଇଥିଲେ। ବୁଝାମଣା ମାଧ୍ୟମରେ ଘଟଣାର ସମାଧାନ କରିବାକୁ ଯୁବତୀଙ୍କ ପରିବାର ପକ୍ଷରୁ ଉଦ୍ୟମ କରାଯାଇଥିଲେ ମଧ୍ୟ ଅଭିଯୁକ୍ତ ଧରାଛୁଆଁ ଦେଇ ନ ଥିଲେ। ଏହାପରେ ପୀଡ଼ିତାଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ■ଶହୀଦ ଅଜିତ୍‌ଙ୍କୁ ଝୁରୁଛି ଗାଁ

# ନୀରବ, ନିଃଶବ୍ଦ, ନିର୍ବାକ୍

**ସମ୍ଭାଳି ହେଉନି ମନର କୋହ। ପରିବାର, ଆତ୍ମୀୟସ୍ୱଜନ, ସାଙ୍ଗସାଥୀ ଯେତେ ଚେଷ୍ଟା କଲେ ବି ରୋକି ପାରୁନାହାନ୍ତି ଲୁହ। ଅଳି ଅଝଟ ସହି ପୁଅକୁ ବଡ଼ କରିଥିବା ବାପାଙ୍କ ଧୈର୍ଯ୍ୟର ପରୀକ୍ଷା ନେଉଛି ସମୟ। ଗଳାର ମାଳି କରିଥିବା ପୁଅର କୋକେଇ ଦେଖିବା କଥା ଭାବିବାବେଳକୁ ଫାଟିଯାଉଛି ମା'ର ଛାତି। ଝୁରୁଛି ଗାଁ। ଝୁରୁଛନ୍ତି ସମସ୍ତେ। ସବୁଠି ଶୋକାକୁଳ ପରିବେଶ। ହେଲେ ସେହି ଦୁଃଖଦ ପରିବେଶର ନୀରବତା ବଖାଣୁଛି ଶହୀଦ ଅଜିତ୍‌ଙ୍କ ବୀରତ୍ୱର ଗାଥା।**

(ସୁଧୀର କୁମାର ପରିଡ଼ା)
କାମାକ୍ଷାନଗର, ୧୮।୬

୪୪-ରାଷ୍ଟ୍ରୀୟ ରାଇଫଲ୍‌ରେ କାର୍ଯ୍ୟରତ ଯବାନ ଅଜିତ୍ ସାହୁ। ଘଟଣା ପ୍ରଚାରିତ ହେବାପରେ ଶହୀଦ ଗ୍ରାମ ବଡ଼ସୁଆଁଳରେ ଏବେ ଶୋକାକୁଳ ପରିବେଶ। ଦେଶମାତୃକା ସେବାରେ ଜୀବନ ଉତ୍ସର୍ଗ କରିଥିବା ମାଟିର ପୁଅକୁ ଝୁରୁଛନ୍ତି ସମସ୍ତେ। କହିବାକୁ ଗଲେ ଅଜିତ୍‌ଙ୍କ ଏପରି ମୃତ୍ୟୁ ସମସ୍ତଙ୍କୁ କରିଦେଇଛି ନୀରବ, ନିଃଶବ୍ଦ, ନିର୍ବାକ୍।

ଦେଖିଥିଲେ ଅନେକ ସ୍ୱପ୍ନ। ସେସବୁକୁ ପୂରଣ କରିବାକୁ ଯଥାସାଧ୍ୟ ଉଦ୍ୟମ ମଧ୍ୟ କରୁଥିଲେ। ଘରର ସାନପୁଅ ହୋଇଥିଲେ ହେଁ ସବୁ ଗୁରୁଦାୟିତ୍ୱ ନେଇଥିଲେ ନିଜ କାନ୍ଧକୁ। ହେଲେ ଆତଙ୍କବାଦୀଙ୍କ ସହ ଲଢ଼େଇରେ ସବୁଦିନ ପାଇଁ ଆଖି ବୁଜିଦେଲେ



ମା' କୁମୁଦିନୀଙ୍କ ବୁକଫଟା କ୍ରନ୍ଦନ।

### ସବୁବେଳେ ଦେଉଥିଲେ ପ୍ରେରଣା



ଅଞ୍ଚଳର ଯୁବକଙ୍କୁ ସୈନ୍ୟ ବାହିନୀରେ ଯୋଗଦେବାକୁ ଉତ୍ସାହିତ କରୁଥିଲେ ଅଜିତ୍। ସୈନ୍ୟ ବାହିନୀରେ ଯୋଗଦେବା ପୂର୍ବରୁ ପ୍ରସ୍ତୁତି, ପରୀକ୍ଷାକୁ କିପରି ସାମ୍ନା କରିବେ, ବର୍ଷସାରା କିପରି ଶରୀରକୁ ସୁସ୍ଥ ରଖିପାରିବେ ସେ ସମ୍ପର୍କରେ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ଦେଉଥିଲେ। ତାଙ୍କଠାରୁ ପ୍ରେରଣା ପାଇ ୨୦୧୭ରେ ସେନାରେ ଯୋଗଦେଇଛି। ଏବେ ପଠାନକୋଟରେ କାର୍ଯ୍ୟରତ ଅଛି। ଆତଙ୍କବାଦୀଙ୍କ ଏପରି ବର୍ବରକାଣ୍ଡ ନିନ୍ଦନୀୟ। ଅଜିତ୍‌ଙ୍କ ମୃତ୍ୟୁ ବେକାର ଯିବନାହିଁ।

-ସ୍ମୃତିରଞ୍ଜନ ପାଳ

### ଚାଲିଗଲା ରୋଜଗାରିଆ ପୁଅ

ପରୋଜଗାରିଆ ପୁଅ ଥିଲେ ଅଜିତ। ଘରର ସମସ୍ତ ଦାୟିତ୍ୱ ତାଙ୍କ ମୁଣ୍ଡରେ ଥିଲା। ଭଉଣୀ ବାହାଘର ଖର୍ଚ୍ଚଠାରୁ ଆରମ୍ଭ କରି ସବୁକିଛି ସେ ହିଁ ତୁଲାଇ ଆସୁଥିଲେ। ଜାତୀୟ ରାଜପଥ ନିର୍ମାଣରେ ଘର ଉଚ୍ଛେଦ ହୋଇଯିବା ପରେ ତାଙ୍କର ନୂଆ ଘର ତିଆରି ଚାଲିଛି। ଅଜିତଙ୍କ ଭରସାରେ କାମ ଆଗେଇ ନେଉଥିଲେ ବାପା ସନ୍ତୋଷ। ହେଲେ ଘରର ରୋଜଗାରିଆ ପୁଅ ଚାଲିଯିବା ପରେ ଘର ସମ୍ପୂର୍ଣ୍ଣ କେମିତି ଚଳିବ ସେହି ଚିନ୍ତାରେ ଅଛନ୍ତି ବାପା ସନ୍ତୋଷ, ମା' କୁମୁଦିନୀ।

### କଥା ରହିଗଲା କଥାରେ

କର୍ମକ୍ଷେତ୍ରରୁ ସୋମବାର ସକାଳେ ଅଜିତ ବାପାଙ୍କ ପାଖକୁ ଫୋନ୍ କରି ଦୀର୍ଘସମୟ କଥା ହୋଇଥିଲେ। ନୂଆ ଚାକିରି, ପରିବେଶ ସମ୍ପର୍କରେ ବାପା ମଧ୍ୟ ପଚାରି ବୁଝିଥିଲେ। ସେଠାରେ ଅଧିକ ଥଣ୍ଡା ହେଉଥିବାରୁ ଦେହକୁ ଜଗିରଖି ଚଳିବାକୁ ଦେଇଥିଲେ ପରାମର୍ଶ। ସେହିପରି ଅଜିତ୍ ମଧ୍ୟ ବାପାଙ୍କୁ ବ୍ୟସ୍ତ ନ ହେବାକୁ ଦେଇଥିଲେ ଆଶ୍ୱାସନା। ଦରମା ଆସିବା ପରେ ଘରକୁ ପଇସା ପଠାଇବେ। ବାକି ରହିଥିବା ଘର କାମ ଯେପରି ଶୀଘ୍ର ଶେଷ ହେବ ଏବଂ ଜେଜେ ମା'ଙ୍କ ଦେହ ଖରାପ ଥିବାରୁ ତାଙ୍କୁ ଡାକ୍ତରଖାନା ନେବା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ ଅଜିତ୍। ମା'ଙ୍କୁ ମଧ୍ୟ ଦେହ ପା' ଜଗିରଖି ଚଳିବାକୁ କହିଥିଲେ। ହେଲେ ସେହି ଫୋନ୍ କଲ ଏବେ ପାଲଟିଯାଇଛି ପରିବାର ଲୋକଙ୍କ ସହ ଶେଷ ବାର୍ତ୍ତାଳାପର ସନ୍ତକ। ସେ ଦେଖିଥିବା ଅନେକ ସ୍ୱପ୍ନ କେବଳ କଥାରେ ରହିଗଲା ବୋଲି ଲୁହ ଛଳଛଳ ଆଖିରେ କହିଛନ୍ତି ପରିବାର ଲୋକେ।



ଦୁଃଖରେ ମ୍ରିୟମାଣ ବାପା ସନ୍ତୋଷ ଏବଂ ଆତ୍ମୀୟସ୍ୱଜନ।

### ପିଲା ଦିନରୁ ସାହସୀ

୨୦୧୧ରେ ବଡ଼ସୁଆଁଳ ହାଇସ୍କୁଲରୁ ମାଟ୍ରିକ ପାସ୍ କରିଥିଲେ ଅଜିତ୍। ପାଠ ପଢ଼ିବା ସମୟରୁ ସେ ଥିଲେ ଖୁବ୍ ସାହସୀ। ସମୟ ବିତିବା ସହ ତାଙ୍କ ଭିତରେ ସୃଷ୍ଟି ହୋଇଥିଲା ଦେଶପ୍ରେମ ଭାବନା। ଏହା ହିଁ ତାଙ୍କୁ ସୈନ୍ୟବାହିନୀରେ ଯୋଗଦେବାକୁ ପ୍ରେରିତ କରିଥିଲା ବୋଲି କହିଛନ୍ତି ହାଇସ୍କୁଲ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ମଲ୍ଲିକ। ଅଜିତ୍ ସାନମାନଙ୍କୁ ସ୍ନେହ, ବଡ଼ମାନଙ୍କୁ ବେଶ୍ ସମ୍ମାନ ଦେଉଥିଲେ। ଛୁଟିରେ ଗାଁକୁ ଆସିଲେ ସ୍କୁଲକୁ ଆସି ସବୁ ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ଆଶୀର୍ବାଦ ନେବାକୁ ଭୁଲୁ ନ ଥିଲେ। ଘଣ୍ଟା ଘଣ୍ଟା ବସି ସୁଖଦୁଃଖ ବାଣ୍ଟୁଥିଲେ। ସେ ଶହୀଦ ହେବା ବେଶ୍ କଷ୍ଟଦାୟକ। ତାଙ୍କ ନାମରେ ସ୍କୁଲକୁ ନାମିତ କରାଗଲେ ଏହା ଅଞ୍ଚଳବାସୀଙ୍କ ପାଇଁ ଉଦାହରଣ ପାଲଟିବ ବୋଲି ପ୍ରଧାନଶିକ୍ଷକ କହିଛନ୍ତି।

# 'ପ୍ରଶାସନ ଦୃଷ୍ଟିକୁ ଅଣାଯିବ ସମସ୍ୟା'

କାମାକ୍ଷାନଗର, ୧୮।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ମହାବିରୋଡ଼ ଚଷା ସମାଜର ବାର୍ଷିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ତ୍ରିଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାଷୀ ଏବଂ ଜନସାଧାରଣଙ୍କ ସମସ୍ୟା ପ୍ରଶାସନର ଦୃଷ୍ଟିକୁ ଅଣାଯିବାକୁ ନିଷ୍ପତ୍ତି ହୋଇଛି।

ମୁଖ୍ୟଅତିଥି ଭାବେ ପଳାଶୁଣୀସ୍ଥିତ ନିଖିଳ ଉତ୍କଳ ଚଷା ସମାଜ ଶାଖା ସଭାପତି ଧନେଶ୍ୱର ସାହୁ, ସମ୍ମାନିତ ଅତିଥି ଉପସଭାପତି ପ୍ରଭାକର ଗଡ଼ନାୟକ, ସାଧାରଣ ସମ୍ପାଦକ ଗୋଲେଖ ନାୟକ ମଞ୍ଚାସୀନ ଥିଲେ।



କାର୍ଯ୍ୟକ୍ରମରେ ଚଷା ସମାଜର କର୍ମକର୍ତ୍ତାମାନେ।

ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ଏବଂ ସାଧାରଣ ଲୋକଙ୍କୁ ଯେପରି ନ୍ୟାୟ ମିଳିବ ସେ ନେଇ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳର ଲୋକଙ୍କୁ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ସର୍ବନିମ୍ନ ମୌଳିକ ସୁବିଧା ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ କମିଟି ଗଠନ କରାଯାଇଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଚାଷୀ ଶୋଷଣର ଶିକାର ହେଉଛି। ଠିକ୍ ସମୟରେ ଧାନ ବିକ୍ରି କରିବାକୁ ମଣ୍ଡି ଖୋଲୁନାହିଁ। ସାର, ବିହନ, କୀଟନାଶକ ବଣ୍ଟନରେ ବିଳମ୍ବ ହେଉଛି। ପ୍ରକୃତ ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏସବୁ ସମସ୍ୟା ବିଷୟରେ କମିଟି କର୍ମକର୍ତ୍ତା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।

ମହାବିରୋଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ଅଞ୍ଚଳରେ ବଢ଼ୁଥିବା ଅସାମାଜିକ କାର୍ଯ୍ୟ ରୋକିବା ଦିଗରେ ପୋଲିସ ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆଲୋଚନା କରାଯାଇଛି। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଏନ୍ଏସି ହଟାଇଲା ଜବରଦଖଲ

କାମାକ୍ଷାନଗର, ୧୮।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍ଏସିରେ ରାସ୍ତା ପାର୍ଶ୍ୱ ଡ୍ରେନ୍ ଉପରେ ଥିବା ଅସ୍ଥାୟୀ ଘର, ଦୋକାନଗୁଡ଼ିକୁ ମଙ୍ଗଳବାର ଉଚ୍ଛେଦ କରାଯାଇଛି। ଏନ୍ଏସିର ସୌନ୍ଦର୍ଯ୍ୟକରଣ ବଢ଼ାଇବା ଏବଂ ଟ୍ରାଫିକ୍ ସମସ୍ୟାର ସମାଧାନ ଲାଗି ପ୍ରଶାସନ ଏବଂ ଏନ୍ଏସି କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ପୂର୍ବରୁ ଜବରଦଖଲ ହଟାଯାଇଥିଲା। ତେବେ ବ୍ୟବସାୟୀମାନେ ପୁନର୍ବାର ରାସ୍ତା କଡ଼ରେ ଗୃହ ନିର୍ମାଣ କରିଥିଲେ। ଏନ୍ଏସି ନିର୍ବାହୀ ଅଧିକାରୀ ଇଂ. ବିରାଜ ପ୍ରସାଦ ରଥଙ୍କ ନେତୃତ୍ୱରେ କର୍ମଚାରୀମାନେ ଜେସିବି ସହାୟତାରେ ଜବରଦଖଲ ହଟାଇଛନ୍ତି। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ରାଜସ୍ୱ ଅଧିକାରୀ ମନୋଜ କୁମାର ମାଝି, ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରମୁଖ



ଉଚ୍ଛେଦ କାର୍ଯ୍ୟ ତଦାରଖ କରିଥିଲେ।

ଅନ୍ୟପଟେ ଉଚ୍ଛେଦ ପରେ କ୍ଷୁଦ୍ର ବ୍ୟବସାୟୀଙ୍କ ବ୍ୟବସାୟ ପ୍ରଭାବିତ ହୋଇଛି। ରୋଜଗାର ପନ୍ଥା ବନ୍ଦ ହୋଇଯାଇଥିବାରୁ ସେମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ କୁହନ୍ତି, ବ୍ୟବସାୟୀମାନେ ରାସ୍ତାପାର୍ଶ୍ୱ ଜାଗାକୁ ଜବରଦଖଲ କରି ବେଆଇନ ଭାବେ ବ୍ୟବସାୟ କରୁଥିଲେ। ସେମାନଙ୍କୁ ଚେତାବନୀ ଦିଆଯାଇଥିଲା। ଏହାକୁ ଅମାନ୍ୟ କରିବାକୁ ଏନ୍ଏସି ପକ୍ଷରୁ ଉଚ୍ଛେଦ କରାଯାଇଛି।

# ସୋମ୍ ହିରୋ ପକ୍ଷରୁ ନୂତନ ବାଇକ୍ ବଜାର ପ୍ରବେଶ



କାର୍ଯ୍ୟକ୍ରମରେ ଅତିଥି ଏବଂ ଶୋ'ରୁମର କର୍ମଚାରୀମାନେ।

ଢେଙ୍କାନାଳ ଅଫିସ, ୧୮।୬

ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ସୋମ୍ ହିରୋ ଶୋ'ରୁମ ପରିସରରେ ହିରୋ କମ୍ପାନୀ ପକ୍ଷରୁ ନୂତନ ଜ୍ଞାନକୌଶଳରେ ନିର୍ମିତ ୩ ବାଇକ୍ ଓ ସ୍କୁଟର ମଙ୍ଗଳବାର ଅପରାହ୍ନରେ ବଜାର ପ୍ରବେଶ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଶୋ'ରୁମର ସ୍ୱତ୍ୱାଧିକାରୀ ହର୍ଷବର୍ଦ୍ଧନ ସିଂଦେଓ ଅଧ୍ୟକ୍ଷତା କରି ଏକ୍ସଟ୍ରିମ୍-୨୦୦ ଏସ୍, ଏକ୍ସପ୍ଲସ୍-୨୦୦ଟି ଏବଂ ମାଇଷ୍ଟ୍ରୋ-୧୨୫ ସିସି ବାଇକ୍ ଓ ସ୍କୁଟରକୁ ବଜାର ପ୍ରବେଶ କରାଇଥିଲେ।

ଏକ୍ସଟ୍ରିମ୍-୨୦୦ଏସ୍, ଏକ୍ସପ୍ଲସ୍-୨୦୦ଟି ନୂତନ ବାଇକରେ ବିଭିନ୍ନ ଜ୍ଞାନକୌଶଳ ରହିବା ସହିତ ନାଭିଗେସନ ସିଷ୍ଟମ, ବ୍ଲୁଟୁଥ୍ କନେକ୍ଟିଭିଟି ରହିଛି । ଏହାଦ୍ୱାରା ଚାଳକ ନିଜର ଗନ୍ତବ୍ୟସ୍ଥଳ ସମ୍ପର୍କରେ ଜାଣିପାରିବେ। ମୋବାଇଲ କଲ ଆସିଲେ ମଧ୍ୟ ଜାଣିହେବ। ସେହିପରି ମାଇଷ୍ଟ୍ରୋ-୧୨୫ ସିସି ଏଫଆଇ ଟେକ୍ନୋଲୋଜି ଜ୍ଞାନକୌଶଳରେ ନିର୍ମିତ। ଏହା ଯୁବ ପିଢିଙ୍କ ଦ୍ୱାରା ଆଦୃତ ହେବ ବୋଲି ସୂଚନା ଦିଆଯାଇଛି।



ବଜାରରେ ପ୍ରବେଶ ହୋଇଥିବା ବାଇକ୍ ଏବଂ ସ୍କୁଟର।

## ■ପୌରସଂସ୍ଥା ପକ୍ଷରୁ ଭତ୍ତା, କାର୍ଯ୍ୟାଦେଶ ବଣ୍ଟନ

# ଜଳକଷ୍ଟ ଦୂରକରିବ ମେଗା ଲିଫ୍ଟ ଯୋଜନା

ଢେଙ୍କାନାଳ ଅଫିସ, ୧୮।୬

ଢେଙ୍କାନାଳ ସଦର ବ୍ଲକ ଏବଂ ପୌରସଂସ୍ଥାରେ ଜଳକଷ୍ଟର ସ୍ଥାୟୀ ପ୍ରତିକାର କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ବର୍ଷେ ସମୟ ଆବଶ୍ୟକ। ବର୍ଷକ ମଧ୍ୟରେ ମହାନଦୀରୁ ମେଗା ଲିଫ୍ଟ ଯୋଜନା ମାଧ୍ୟମରେ ପାନୀୟ ଜଳ ଯୋଗାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଡିପିଆର ମଗାଯାଇଛି ବୋଲି କହିଛନ୍ତି ବିଧାୟକ ସୁଧୀର କୁମାର ସାମଲ। ପୌରସଂସ୍ଥା ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲରେ ମଙ୍ଗଳବାର ଅନୁଷ୍ଠିତ ଭତ୍ତା ଓ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହି ସୂଚନା ଦେଇଛନ୍ତି। କୌଣସି ବ୍ୟକ୍ତି, କର୍ମଚାରୀ ଏବଂ ଅଧିକାରୀଙ୍କୁ ଲାଞ୍ଚ ନ ଦେବାକୁ ବିଧାୟକ ହିତାଧିକାରୀଙ୍କୁ ନିବେଦନ କରିଛନ୍ତି।



ବିଧାୟକ ସୁଧୀର କୁମାର ସାମଲ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କହିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦୦ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେହିପରି ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୧୭ ଏବଂ ମଧୁବାବୁ ପେନ୍‌ସନ୍ ଯୋଜନାରେ ୧୬୭ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପୌରାଞ୍ଚଳରେ ସାଢ଼େ ୪ହଜାର ହିତାଧିକାରୀଙ୍କୁ ଘର ଏବଂ ସ୍ୱଚ୍ଛ ଭାରତ ଯୋଜନାରେ ୬୫୦୦ ଜଣଙ୍କୁ ପାଇଖାନା ଯୋଗାଇ ଦିଆଯାଇଛି।

**■ଆଦର୍ଶ ସହର ତାଲିକାରେ ଢେଙ୍କାନାଳ**

**■ଆବାସ ଯୋଜନାରେ ୪୫୦୦ ହିତାଧିକାରୀ ସାମିଲ**

ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା ମହାନଗର ନିଗମକୁ ରାଜ୍ୟ ସରକାର ଆଦର୍ଶ ସହରର ମାନ୍ୟତା ଦେଇଛନ୍ତି। ଏହି ତାଲିକାରେ ଛତ୍ରପୁର ଏନ୍ଏସି, ଯାଜପୁର ମ୍ୟୁନିସିପାଲିଟି ସହ ଢେଙ୍କାନାଳ ମଧ୍ୟ ସାମିଲ ହୋଇଥିବା ସେ ସୂଚନା ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା ମଞ୍ଚାସୀନ ଥିଲେ। ପୌର ଯନ୍ତ୍ରୀ ରଶ୍ମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

